# ଓଡିଶା ସୂଚନା କମିଶନ୍‌ଙ୍କ ହିସାବ ଫର୍ଦ୍ଧ – ଉଭା କମ୍ , ପୋତା ବେଶୀ

*ଅବଶ୍ୟ-ପ୍ରକଟନୀୟ ସୂଚନା-ପ୍ରକାଶନରେ ଅହେତୁକ ବିଳମ୍ବ*

ପାଠକେ ଜାଣିଥିବେ, ସୂଚନା ଅଧିକାର ଆଇନ୍-୨୦୦୫ର ଅସଲ ପ୍ରାଣସତ୍ତା ହେଉଛି ଏହାର ଧାରା ୪, ବିଶେଷକରି ଏହି ଧାରା ଅଧୀନରେ ଥିବା ଉପଧାରା ୧(ବି), ଯହିଁର ଅକାଟ୍ୟ ନିର୍ଦ୍ଦେଶ ଅନୁଯାୟୀ ପ୍ରତି ଜନ କର୍ତ୍ତୃପକ୍ଷ ନିଜ ସଂସ୍ଥା ସଂବନ୍ଧରେ ୧୭ ଗୋଟି ବିଷୟରେ ନିଜ ତରଫରୁ ସ୍ୱୟଂଚାଳିତ ହୋଇ ଲୋକଙ୍କ ଦ୍ୱାରା ସହଜଗମ୍ୟ ହେଉଥିବା ବିଭିନ୍ନ ମାଧ୍ୟମରେ ୧୨ ଅକ୍ଟୋବର ୨୦୦୫ ସୁଦ୍ଧା ଯଥାସମ୍ଭବ ଅଧିକ ସୂଚନା ପ୍ରସାରଣ କରିଥିବେ, ଏବଂ ଯାହା ଫଳରେ କି ଉପରୋକ୍ତ ଦିନଠାରୁ ସାଧାରଣ ଲୋକେ ସଂପୃକ୍ତ ଏକ ଦପ୍ତରକୁ ଯାଇ ସେସବୁ ସୂଚନାଗୁଡିକୁ ବିନା ଆବେଦନରେ ନିରୀକ୍ଷଣ କରିପାରିବେ ତଥା ଆବଶ୍ୟକ ପଡିଲେ ତହିଁର ସହିନକଲ ମଧ୍ୟ ଆଣିପାରିବେ, ଏବଂ ପୁଣି ଏହି ସହିନକଲକୁ ସଂପୂର୍ଣ୍ଣ ମାଗଣାରେ ଅଥବା କେବଳ ମୁଦ୍ରଣ ବା ମାଧ୍ୟମର ମୂଲ୍ୟ ବିନିମୟରେ ଯୋଗାଇ ଦିଆଯିବ [ଦ୍ରଷ୍ଟବ୍ୟ- ଧାରା ୪(୪)] । ପୁଣି ବଡ ଅଶ୍ୱାସନାର କଥା, ଉପରୋକ୍ତ ପ୍ରାବ୍‌ଧାନର ସ୍ଥାନୀୟ ସ୍ତରରେ କାର୍ଯ୍ୟାନ୍ୱୟନ ପାଇଁ ଓଡିଶା ସୂଚନା ଅଧିକାର ସଂଶୋଧନ ନିୟମାବଳୀ-୨୦୦୬ର ନିୟମ ୨(୨) ରେ ମଧ୍ୟ ଏକ ଉତ୍ତମ ବ୍ୟବସ୍ଥା ସ୍ଥାନିତ କରାଯାଇଛି, ଯାହା ବଳରେ ପ୍ରତି ଜନ କର୍ତ୍ତୃପକ୍ଷ ନିଜ ନିଜ ଦପ୍ତରରେ ଗୋଟିଏ ଲେଖାଁ ରେଜିଷ୍ଟର ରଖିବେ, ଯେଉଁଥିରେ ଧାରା ୪ ଅଧୀନରେ ପରିଦର୍ଶନ କରୁଥିବା ପ୍ରତି ସୂଚନା ସଂଗ୍ରାହକଙ୍କ ସମ୍ବନ୍ଧରେ ଟିପ୍‌ପଣୀ ଲିପିବଦ୍ଧ ହୋଇ ରହିବ । କିନ୍ତୁ ବଡ ବିଡମ୍ବନାର ବିଷୟ, ଉଭୟ କେନ୍ଦ୍ରୀୟ ଆଇନ୍ ଏବଂ ଓଡିଶା ନିୟମାବଳୀରେ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ସବୁଠୁଁ ବଡ ଲଂଘନକର୍ତ୍ତା ଥିଲେ ଓଡିଶା ରାଜ୍ୟ ସୂଚନା କମିଶନ୍ ନିଜେ, ଯେ କି ୨୦ ନଭେମ୍ବର ୨୦୦୫ରୁ କାର୍ଯ୍ୟାରମ୍ଭ କରିଥିଲେ ହେଁ ଏପର୍ଯ୍ୟନ୍ତ ନିଜ ସମ୍ବନ୍ଧରେ ୧୭ପ୍ରକାର ସ୍ୱୟଂ ପ୍ରକଟନୀୟ ସୂଚନା ଘୋଷଣା କରିନଥିଲେ । ଏ ସମ୍ବନ୍ଧରେ ବିଭିନ୍ନ ମାଧ୍ୟମରେ କମିଶନ୍‌ଙ୍କୁ କଡା ସମାଲୋଚନା କରାଗଲା ପରେ, କମିଶନ୍ ଦୀର୍ଘ ଏକବର୍ଷ ଚାରିମାସ ବିଳମ୍ବରେ, ଏବେ ନିକଟରେ ଅର୍ଥାତ୍ ୨୦୦୭ ମାର୍ଚ୍ଚ ଶେଷ ସପ୍ତାହରେ ଧାରା ୪(୧ବି) ଅଧୀନସ୍ଥ ସ୍ୱୟଂ-ପ୍ରକଟନୀୟ ସୂଚନା ନିଜ ୱେବ୍‌ସାଇଟ୍ (http://orissasoochanacommission.nic.in) ରେ ପ୍ରକାଶ କରିଛନ୍ତି ।

*କମିଶନ୍‌ଙ୍କ ହିସାବ ଫର୍ଦ୍ଧ ନା କମ୍ପାନୀ-ମାଲିକଙ୍କ ଟିପାଖାତା ?*

ଧାରା ୪(୧ବି) ଅଧୀନସ୍ଥ ୧୭ଟି ବିଷୟ ଭିତରୁ ଏକାଦଶ ବିନ୍ଦୁ ହେଉଛି- ପ୍ରତି ଜନ କର୍ତ୍ତୃପକ୍ଷ ନିଜର ପ୍ରତି କର୍ମଯୋଜନା ସମ୍ବନ୍ଧରେ ବିଶଦ୍ ତଥ୍ୟାବଳୀ ଦେବା ସହିତ ପ୍ରତି କର୍ମଯୋଜନା ପିଛା ଅଟକଳିତ ଅର୍ଥରାଶି ଏବଂ ବ୍ୟୟିତ ଅର୍ଥରାଶି ସମ୍ବନ୍ଧରେ ବିଶଦ୍ ତଥ୍ୟାବଳୀ ପ୍ରଦାନ କରିବେ । ବର୍ତ୍ତମାନ ଆମେ ଲକ୍ଷ୍ୟ କରିବା, ରାଜ୍ୟ ସୂଚନା କମିଶନ୍ ଏହି ବୈଧାନିକ କର୍ତ୍ତବ୍ୟକୁ କିପରି ଅନୁପାଳନ କରିଛନ୍ତି ? କମିଶନ୍ ତାଙ୍କ ୱେବ୍‌ସାଇଟ୍‌ରେ 'ସ୍ୱୟଂଚାଳିତ ପ୍ରକଟନ' **(suo motu disclosures)** ର ଶିରୋନାମା ଦେଇ ଇଂରାଜୀ ଭାଷାରେ ନିମ୍ନୋକ୍ତ ହିସାବ ଫର୍ଦ୍ଧ ଘୋଷଣା କରିଛନ୍ତି –

| କ୍ରମ ସଂଖ୍ୟା | ଅଟକଳ ଶୀର୍ଷକ | ୨୦୦୬-୦୭ରେ ବ୍ୟୟିତ ଅର୍ଥରାଶି |
|---|---|---|
| ୧- | ଦରମା | ୨୯ଲକ୍ଷ ୬ ହଜାର |
| ୨- | ଗସ୍ତ ଖର୍ଚ୍ଚ | ୧୦ଲକ୍ଷ |
| ୩- | ଛୁଟି-କାଳୀନ ଭ୍ରମଣ ରିହାତି (ଏଲ୍.ଟି.ସି.) | ୩ ଲକ୍ଷ |
| ୪- | ଅଫିସ୍ ଖର୍ଚ୍ଚ | ୨୨ ଲକ୍ଷ ୩୨ ହଜାର |
| ୫- | ଘରଭଡା ଓ ଟିକସ ଆଦି | ୭ ଲକ୍ଷ ୨୦ ହଜାର |
| ୬- | ତାଲିମ୍, ସଚେତନତା ଏବଂ ପ୍ରଚାର-ଅଭିଯାନ | ୧୯ ଲକ୍ଷ ୬୮ ହଜାର |
| ୭- | ସେମିନାର ଓ କର୍ମଶାଳା ଇତ୍ୟାଦି | ୨୨ ଲକ୍ଷ |
| ୮- | ସୂଚନା, ପ୍ରଶିକ୍ଷଣ ଓ ପ୍ରସାରଣ | ୨୧ ଲକ୍ଷ |
| ୯- | ମୁଣ୍ଡା ବ୍ୟବସ୍ଥା **(Lump Provision)** | ୬୦ ଲକ୍ଷ |
| ୧୦- | ବୈଷୟିକ ସେବା **(Professional Services)** | ୭୧ ଲକ୍ଷ ୧ ହଜାର |
| | | ମୋଟ-୨କୋଟି ୧ଲକ୍ଷ ୩୭ ହଜାର ଟଙ୍କା |

*ହିସାବଫର୍ଦ୍ଧଟି କେତେଦୂର ଗ୍ରହଣୀୟ ?*

ବିଭିନ୍ନ ବାବଦରେ କମିଶନ୍ ଖର୍ଚ୍ଚ କରିଥିବା ଅର୍ଥରାଶି କେତେଦୂର ସତ୍ୟନିଷ୍ଠ ଏବଂ ଯଥାର୍ଥ, ସେ ବିଷୟ ଆଲୋଚନା କରିବା ଏହି କ୍ଷୁଦ୍ର ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ, ଏବଂ ଏ ବିଷୟରେ ଓଡିଶା ଭଳି ଏକ ଗରୀବ ରାଜ୍ୟର ସ୍ୱାର୍ଥ ବିଷୟରେ ମୁଣ୍ଡ ଖେଳାଉଥିବା ପ୍ରତି ନାଗରିକର ଗରଜ ରହିବା ସର୍ବାଦୌ ଆବଶ୍ୟକ ବୋଲି ଏହି ଲେଖକ ମନେକରେ । ବର୍ତ୍ତମାନ ଆମେ ଦେଖିବା, କମିଶନ୍ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ହିସାବ ଯେଉଁ ଶୈଳୀରେ ଦେଇଛନ୍ତି, ତାହା କେତେଦୂର ଯଥାର୍ଥ ? ଏହା ଭିତରେ ଆପଣମାନଙ୍କ ନଜର ପଡିସାରିବଣି ୯ ନମ୍ବରରେ ଥିବା ମୁଣ୍ଡାବ୍ୟବସ୍ଥା ଉପରେ, ଯାହାପାଇଁ ମୋଟ୍ ୬୦ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ମୁଣ୍ଡା ବ୍ୟବସ୍ଥାର ମାନେ କ'ଣ ? ବାସ୍ତବରେ ମୁଣ୍ଡା ବ୍ୟବସ୍ଥାର ଅର୍ଥ ହେଉଛି ଏକ ମୁଣ୍ଡବିହୀନ ବ୍ୟବସ୍ଥା, ଅର୍ଥାତ୍ ଆମେ ଯେଉଁ ହିସାବକୁ ଏକ ଶୀର୍ଷକ ଦ୍ୱାରା ସଂଜ୍ଞାୟିତ କରି ପାରିବାନି । ମନେହୁଏ, କମିଶନ୍ ଏହି ୬୦ଲକ୍ଷ ଟଙ୍କାକୁ କିଭଳି ଦର୍ଶାଇବେ, ତହିଁର କିଛି ବିଧିସମ୍ମତ ବାଟ ନପାଇ ଏଭଳି ଦର୍ଶାଇବାକୁ ବାଧ୍ୟ ହୋଇଛନ୍ତି । କିନ୍ତୁ ଏହି ୬୦ ଲକ୍ଷ ଟଙ୍କା ବାସ୍ତବରେ କୁଆଡେ, କାହା ପକେଟ୍‌କୁ ଯାଇଛି, ସେ ବିଷୟରେ ମୁଣ୍ଡ ଖେଳାଇବା ପ୍ରତି ରାଜ୍ୟବାସୀଙ୍କ କର୍ତ୍ତବ୍ୟ, କାରଣ ତାଙ୍କରି ଟିକସଖଜଣାରେ ଗଢା ହୋଇଥିବା ରାଜକୋଷରୁ ଏହି ଅର୍ଥନେଇ କମିଶନ୍ ନିଜ ଯାହାକିଛି କରୁଛନ୍ତି । କିନ୍ତୁ ଏ ପ୍ରଶ୍ନ ଠାରୁ ଶତଗୁଣରେ ଅଧିକ ଜରୁରୀ ପ୍ରଶ୍ନ ହେଲା, କମିଶନ୍ ୬୦ ଲକ୍ଷ ଟଙ୍କାର ଏକ ବିଶାଳ ଅର୍ଥରାଶିକୁ 'ମୁଣ୍ଡା ବ୍ୟବସ୍ଥା' ବୋଲି ଦର୍ଶେଇବାକୁ ସାହାସ କଲେ କେମିତି ? ଯଦି ସେମାନେ ଓଡିଶାବାସୀଙ୍କୁ ଭକୁଆ ବୋଲି ମନେ କରିନଥାନ୍ତେ !

ଲୁଚିଛି ନା ଗୋଡ ଦି'ଟା ଦିଶୁଛି !

ଆଉ କେତୋଟି ଦୃଷ୍ଟିକଟୁ ଅସଂଗତି ଉପରୋକ୍ତ ହିସାବ ଫର୍ଦ୍ଦରୁ ବାରି ହୋଇପଡୁଛି । ପ୍ରଥମଟି ହେଲା, ନମ୍ବର ୬, ୭ ଓ ୮ରେ ଯେଉଁ ୩ଟି ଶୀର୍ଷକ ରହିଛି, ସେଗୁଡିକ ମୂଳତଃ ଗୋଟିଏ ଧରଣର ଏବଂ ଗୋଟିଏ ଶୀର୍ଷକ ଅଧୀନରେ ରହିବା କଥା । ଉଦାହରଣ ସ୍ୱରୂପ, ନମ୍ବର ୬ରେ ସୂଚିତ ହୋଇଥବା ତାଲିମ୍, ସଚେତନତା ଏବଂ ପ୍ରଚାର-ଅଭିଯାନ କାଯ୍ୟକ୍ରମ (୧୯ଲକ୍ଷ ୬୮ ହଜାର ଟଙ୍କା ବ୍ୟୟରେ) କରିବାକୁ ଯାଇ ସେମିନାର ଓ କର୍ମଶାଳା ଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବ ବୋଲି ଆଶା କରାଯାଏ; କିନ୍ତୁ ସେମିନାର ଓ କର୍ମଶାଳା ଭଳି କାଯ୍ୟକ୍ରମକୁ ପୁଣି ୭ନମ୍ବରରେ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି ଏବଂ ଏହା ବାବଦରେ ପୁଣି ୨୨ଲକ୍ଷ ଟଙ୍କା ବ୍ୟୟ କରାଯାଇଛି । ପୁଣି ନମ୍ବର ୮ରେ ସୂଚନା, ପ୍ରଶିକ୍ଷଣ ଓ ପ୍ରସାରଣ କାର୍ଯ୍ୟକ୍ରମ ବାବଦରେ ଅଲଗା ୨୧ ଲକ୍ଷ ଟଙ୍କା ବ୍ୟୟିତ ହୋଇଛି ବୋଲି କୁହାଯାଇଛି, ଯଦିଓ ମୂଳତଃ ଏହା ପୂର୍ବୋକ୍ତ ୬ ଓ ୭ ନମ୍ବର କାର୍ଯ୍ୟକ୍ରମର ଅନୁରୂପ ବୋଲି ଯେ କେହି ମନେ କରିବା ସ୍ୱାଭାବିକ । ମୋଟ ଉପରେ ଏହି ୩ଟି ମୋଟାମୋଟି ସମରୂପ କାର୍ଯ୍ୟକ୍ରମ ବାବଦରେ ୬୨ ଲକ୍ଷ ୬୮ହଜାର ଟଙ୍କା ଖର୍ଚ୍ଚ କରାଯାଇଛି; ଏହି ସମୁଦାୟ ପରିମାଣକୁ ଯଦି ଗୋଟିଏ ଶୀର୍ଷକ, ଯଥା- ସଚେତନତା ଓ ପ୍ରଶିକ୍ଷଣ କାଯ୍ୟକ୍ରମ ଅଧୀନରେ ଅଙ୍ଗୀଭୂତ କରି ଦର୍ଶା ଯାଇଥାନ୍ତା, ତେବେ କ'ଣ ଅସୁବିଧା ହୋଇଥାନ୍ତା ? ବରଂ କମିଶନ୍ଙ୍କ ହିସାବ ପରିବେଷଣ ସାଧାରଣ ଲୋକଙ୍କ ସାମନାରେ ଅଧିକ ସରଳ, ସ୍ୱଚ୍ଛ ଓ ସତ୍ୟନିଷ୍ଠ ପ୍ରତୀୟମାନ ହୋଇପାରିଥାନ୍ତା । ଯାହା ହେଉନା କାହିଁକି, କମିଶନ୍ ଯେତେବେଳେ ନିଜର ହିସାବ ଫର୍ଦ୍ଦକୁ ୱେବ୍ସାଇଟ୍ରେ ସ୍ଥାନ ଦେଇ ଏକ ସର୍ବସାଧାରଣ ଦଲିଲ୍ରେ ପରିଣତ କରିସାରିଛନ୍ତି, ତେଣୁ ବର୍ତ୍ତମାନ ତାଙ୍କର ପରମ କର୍ତ୍ତବ୍ୟ ହେଉଛି, ୬, ୭ ଓ ୮ ନମ୍ବରରେ ଥିବା ପ୍ରତି ଶୀର୍ଷକ ପାଇଁ ସୂଚିତ ହୋଇଥିବା ସ୍ଥୂଳ ଅର୍ଥରାଶିର ବିଶଦ୍ ହିସାବ ଯଥାଶୀଘ୍ର ସର୍ବସାଧାରଣଙ୍କ ଗୋଚରାର୍ଥେ ପରିବେଷଣ କରିବା; ଏଥିରେ ଯଦି ବିଳମ୍ବ ଘଟେ ତେବେ ହିସାବ-ପ୍ରସ୍ତୁତିରେ ବ୍ୟାପକ ହେରାଫେରି କରାଯାଇଛି ବୋଲି ଜନମାନସରେ ସନ୍ଦେହର କୁହେଳିକା ଜମାଟ ବାନ୍ଧିବା ସ୍ୱାଭାବିକ ।

*ରାଜ୍ୟ କମିଶନ୍ଙ୍କ ଗସ୍ତଖର୍ଚ୍ଚ କେନ୍ଦ୍ରୀୟ କମିଶନ୍ଙ୍କ ଠାରୁ ବେଶୀ*

ମଜାର କଥା ହେଉଛି, କେନ୍ଦ୍ରୀୟ ସୂଚନା କମିଶନ୍ରେ ୫ଜଣ କମିଶନର୍ ଅବସ୍ଥାପିତ ଥାଇ ଦେଶର ବିଭିନ୍ନ ପ୍ରାନ୍ତକୁ ଗସ୍ତ କରିବାରେ ଯେତିକି ଖର୍ଚ୍ଚ କରିଛନ୍ତି (୧୦ ଲକ୍ଷ ଟଙ୍କା- *ଦ୍ରଷ୍ଟବ୍ୟ* ***RTI Disclosure in www.cic.gov.in***), ଓଡିଶା କମିଶନ୍ରେ ମାତ୍ର ୨ଜଣ ଅବସ୍ଥାପିତ ଥାଇ ମୂଳତଃ ରାଜ୍ୟ ଅଭ୍ୟନ୍ତରରେ ସେମାନଙ୍କ ଗସ୍ତ ପିଛା ଅଧିକ ଅର୍ଥରାଶି (ଗସ୍ତ ୧୦ଲକ୍ଷ + ଏଲ୍.ଟି.ସି. ୩ଲକ୍ଷ= ମୋଟ୍ ୧୩ ଲକ୍ଷ ଟଙ୍କା) ବ୍ୟୟ କରା ଯାଇଛି । ରାଜ୍ୟର ଦୁଇଜଣ କମିଶନର୍ କ'ଣ ଦିନରାତି ରାଜ୍ୟଭିତରେ ସ୍ୱତନ୍ତ୍ର ହେଲିକେପ୍ଟର୍ ଯୋଗେ ସୂଚନା ଅଭିଯାନ ଚଳାଉଥିଲେ କି ? ଏହି ତଥ୍ୟ ଯେତିକି ଚାଞ୍ଚଲ୍ୟକର, ସେତିକି ପୀଡାଦାୟକ, କାରଣ ଓଡିଶା ଭଳି ରାଜ୍ୟ, ଯେଉଁଠି ପ୍ରାୟ ଅର୍ଦ୍ଧେକ ଲୋକ ଅର୍ଦ୍ଧଭୁକ୍ତ, ଅର୍ଦ୍ଧନଗ୍ନ ଓ ଅର୍ଦ୍ଧମୃତ ଅବସ୍ଥାରେ ଦିନ କଟାନ୍ତି, ସେଠାରେ ସେହିମାନଙ୍କ କରଖଜଣାର ଅର୍ଥକୁ ଏମିତି ବେପରୁଆ, ବିଳାସ ଭ୍ରମଣ ପିଛା ଖର୍ଚ୍ଚ କରିବାର କି ନୈତିକ ଅଧିକାର ଅଛି ଏହି ଦୁଇ କମିଶନରଙ୍କର ?

*ଏଲ୍.ଟି.ସି. କେତେଦୂର ବୈଧାନିକ ?*

ଏହାଛଡା ଆଉ ଏକ ବୈଧାନକ ପ୍ରଶ୍ନ ଉଠିବା ସ୍ୱାଭାବିକ, ଏଲ୍.ଟି.ସି. ବା ଛୁଟିକାଳୀନ ଭ୍ରମଣ ରିହାତି ବାବଦ ଯେଉଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଦର୍ଶାଯାଇଛି, ତାହା ଗ୍ରହଣୀୟ କି ? କାରଣ, ଆଇନ୍ର ଧାରା ୪(୧ବି) ଅଧୀନସ୍ଥ ଦଶମ ବିନ୍ଦୁ ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷ ନିଜର ପ୍ରତି କର୍ମଚାରୀଙ୍କ ମାସିକ ପ୍ରାପ୍ୟ ସହିତ ଅନ୍ୟାନ୍ୟ ଭତ୍ତାବ୍ୟବସ୍ଥା କ'ଣ ସବୁ ଅଛି, ସେ ବିଷୟରେ ସ୍ୱୟଂଚାଳିତ ହୋଇ ଅଗ୍ରୀମ ସୂଚନା ପ୍ରକାଶ କରିବେ । ଓଡିଶା କମିଶନ୍ ଏହି ବିନ୍ଦୁ ଅଧୀନରେ ଭତ୍ତାଗୁଡିକର ନାମ, ପ୍ରକାର ଭେଦ ଏବଂ ହାର ବା ପରିମାଣକୁ ସବିଶେଷ ଭାବେ ସୂଚୀତ କରିନାହାନ୍ତି, ବରଂ ଆଇନ୍ର ଧାରା ୧୬(୫)କୁ ସିଧାସଳଖ ଉଦ୍ଧାର କରିଦେଇ ଓଁ ସ୍ୱାହାୟ କରିଦେଇଛନ୍ତି । ପୁଣି ସେହି ଉଦ୍ଧୃତ ପ୍ରାବ୍ଧାନରେ ଲିଖିତ ଅଛି ଯେ, କମିଶନର୍ଙ୍କ ଛଡା ଅନ୍ୟ କର୍ମଚାରୀ ମାନଙ୍କର ଦରମା ଓ ଭତ୍ତାମାନ ତାହାହିଁ ହେବ, ଯାହାକି ରାଜ୍ୟସରକାର ସ୍ୱତନ୍ତ୍ର ନିୟମାବଳୀ ପ୍ରଣୟନ ପୂର୍ବକ ବିହିତ କରିଥିବେ । କିନ୍ତୁ କମିଶନ୍ ଓ ରାଜ୍ୟ କମିଶନ୍ଙ୍କ ୱେବ୍ସାଇଟ୍ ସୂତ୍ରରୁ ଯାହା ଆମେ ଜାଣୁ, ଏପର୍ଯ୍ୟନ୍ତ ଏଲ୍.ଟି.ସି. କିମ୍ବା ଅନ୍ୟ କୌଣସି ଭତ୍ତା ସମ୍ବନ୍ଧରେ ଆବଶ୍ୟକୀୟ ନିୟମାବଳୀ ପ୍ରଣୀତ ହୋଇନାହିଁ । ଏଲ୍.ଟି.ସି. ବିଷୟରେ ନିୟମାବଳୀ ପ୍ରଣୀତ ନହେଉଣୁ ରାଜ୍ୟ କମିଶନ୍ ଏଲ୍.ଟି.ସି. ବାବଦରେ ୩ଲକ୍ଷ ଟଙ୍କା ଖର୍ଚ୍ଚ କଲେ କେମିତି ? ଏହା କ'ଣ ରାଜ୍ୟ କମିଶନ୍ଙ୍କ ଦ୍ୱାରା ଆଇନ୍ର ନଗ୍ନ ଉଲ୍ଲଂଘନ ନୁହେଁ କି ? ଏହି ପରିପ୍ରେକ୍ଷିରେ ଏହା ଉଲ୍ଲେଖନୀୟ ଯେ, କେନ୍ଦ୍ରୀୟ ସୂଚନା କମିଶନ୍ଙ୍କ ହିସାବଫର୍ଦ୍ଦରେ ଏଲ୍.ଟି.ସି. ବାବଦରେ କୌଣସି ଖର୍ଚ୍ଚ ଦର୍ଶୀତ ହୋଇନାହିଁ । ସୁତରାଂ ପୁଣି ପ୍ରଶ୍ନ ଉଠୁଛି, ଅବୈଧାନିକ ଭାବେ ବ୍ୟୟିତ ଏହି ୩ଲକ୍ଷ ଟଙ୍କାକୁ କେଉଁକେଉଁ ବ୍ୟକ୍ତିମାନେ ଉପଭୋଗ କରିଛନ୍ତି ଏବଂ କାହା ପାଖରୁ କ୍ଷତିଭରଣା ଆଦାୟ କରାଯାଇ ରାଜକୋଷକୁ ଯଥାଶୀଘ୍ର ଫେରସ୍ତ ଦିଆଯିବ ?

*କମିଶନଙ୍କ ଡାହାମିଛ*

ସମସ୍ତେ ଜାଣିଥିବେ, ଆଇନ୍ର ଧାରା ୪ (୧ବି) ଅଧୀନସ୍ଥ ବିନ୍ଦୁ ୧୩ ଅନୁଯାୟୀ ପ୍ରତି ଜନକର୍ତ୍ତୃପକ୍ଷ ଘୋଷଣା କରିବେ, ତାଙ୍କଠାରୁ କେହି ଯଦି କିଛି ରିହାତି, ଅନୁମତି ବା ପ୍ରାଧିକାର ଲାଭ କରିଥିବେ, ତହିଁର ସବିଶେଷ ବିବରଣୀ । ଠିକ୍ ଏହି ବିନ୍ଦୁ ଅଧୀନରେ ଓଡିଶା କମିଶନ୍ ଘୋଷଣା କରିଛନ୍ତି ଯେ, ଏହା ତାଙ୍କ ପାଇଁ ଅପ୍ରଯୁଜ୍ୟ (**Not applicable**) । କିନ୍ତୁ କମିଶନ୍ଙ୍କ ୱେବ୍ସାଇଟ୍ରେ ପ୍ରଦର୍ଶୀତ ହେଉଥିବା ଲିଙ୍କ୍ 'ଆଇ.ଇ.ସି. କାର୍ଯ୍ୟକ୍ରମ (**IEC Activities**)କୁ ଖୋଲନ୍ତୁ; ଦେଖିବେ ଯେ, ପ୍ରତି ଜିଲ୍ଲାରେ ଏବଂ ବିଭିନ୍ନ ସହରମାନଙ୍କରେ ୧୦ ଦିନିଆ ସୂଚନା ଶିବିର ଆୟୋଜନ ପାଇଁ ୧୨ଲକ୍ଷ ୬୦ହଜାର ଟଙ୍କା ବ୍ୟୟିତ ହୋଇଛି ବୋଲି ଦର୍ଶାଯାଇଛି, ଏବଂ ଏହିସମସ୍ତ ଟଙ୍କା ସଂପୃକ୍ତ ଜିଲ୍ଲାପାଳଙ୍କ ମାର୍ଫତ୍ରେ ପ୍ରଦାନ କରାଯାଇଛି । କାହାକୁ? ସେକଥା ଯଦିଓ ସେଠାରେ ଲେଖା ହୋଇନି, କିନ୍ତୁ ସୂଚନା ଶିବିର ସମ୍ବନ୍ଧରେ କମିଶନ୍ଙ୍କ ଦ୍ୱାରା ୨୦୦୬ ନଭେମ୍ବରରେ ଜାରି ହୋଇଥିବା ମଞ୍ଜୁରିପତ୍ରରେ ସ୍ପଷ୍ଟଭାବେ ସଂପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, ପ୍ରତି ଶିବିର ପିଛା ସମୁଦାୟ ୩୫ହଜାର ଟଙ୍କାକୁ 'ସୂଚନା ଅଧିକାର ମଞ୍ଚ' ବୋଲି ଏକ ବେସରକାରୀ ସଂସ୍ଥା ଏବଂ ସ୍ଥଳ ବିଶେଷରେ ଏହା ଦ୍ୱାରା ଚିହ୍ନିତ ସହଯୋଗୀ ସଂଗଠନଙ୍କ ହସ୍ତରେ ଅର୍ପଣ କରିବାକୁ । ମଞ୍ଚଙ୍କୁ ଜିଲ୍ଲାପାଳ ଚିହ୍ନଟ କରିନାହାନ୍ତି, ବରଂ କମିଶନ୍ ମଞ୍ଚଙ୍କୁ ଜିଲ୍ଲାପାଳମାନଙ୍କ ଆଗରେ ଅର୍ଥମଞ୍ଜୁରିର ହକ୍ଦାର ବୋଲି ଚିହ୍ନଟ କରିଛନ୍ତି । ସୁତରାଂ ଏତଦ୍ୱାରା କମିଶନ୍ ଉଲ୍ଲିଖିତ ମଞ୍ଚଙ୍କୁ ପ୍ରାଧିକାର ଦେଇଛନ୍ତି ବୋଲି କୁହାଯିବ ନାହିଁ କି ? ଅତଏବ ଗୋଟିଏ ପଟରେ ବେସରକାରୀ ସଂସ୍ଥାମାନଙ୍କୁ ନିଜେ ବାଛି ଅର୍ଥମଞ୍ଜୁର ସହ ଅନ୍ୟ ପ୍ରକାର ସହାୟତା ପ୍ରଦାନ କରିବା ଏବଂ ଅନ୍ୟପଟରେ କାହାକୁ କିଛି ପ୍ରାଧିକାର ଦେଇନାହାନ୍ତି ବୋଲି କହିବା ରାଜ୍ୟ କମିଶନ୍ଙ୍କ ଦୋମୁହାଁ ନୀତିର ସ୍ପଷ୍ଟ ପରିଚାୟକ ନୁହେଁ କି ?

**Chitta Behera, 4A Jubilee Tower, Choudhury Bazar, Cuttack-9, Mob- 9437577456, 9861091455 Dt. 31.3.07**